

# କଲ୍ୟାଣ ଦେଲି ତୋତେ

ସକଳପିଣ୍ଡ ଓ ବ୍ରହ୍ମାଣ୍ଡ ଯାହାଙ୍କ ବିଭୂତିର ଏକ ଅଂଶମାତ୍ର ଅଟେ, ସେହି ଅଚିନ୍ତ୍ୟ, ଅନାଦି, ପୁରୁଷୋତ୍ତମଙ୍କ କଲ୍ୟାଣର ସୀମା ଏ ପର୍ଯ୍ୟନ୍ତ କେହି କଳ୍ପନା ମଧ କରିପାରିନାହାନ୍ତି । ସୃଷ୍ଟି ତଥା ସୃଷ୍ଟି ଅନ୍ତର୍ଗତ ସମସ୍ତ ସ୍ଥିତି ଉତ୍ପତ୍ତିର ବହୁପୂର୍ବରୁ ସେ ଆନନ୍ଦମୟ ପରମେଶ୍ୱର ତାଙ୍କ ଅମୃତସନ୍ତାନ ପାଇଁ ପ୍ରକୃତିଙ୍କ ମାଧ୍ୟମରେ କଲ୍ୟାଣପସରା ସାଇତି ରଖିଛନ୍ତି । କିନ୍ତୁ କାଳ ତଥା ଯୁଗବାଦର ପ୍ରଚଣ୍ଡ ଆଘାତରେ ମାନବ ଅଚେତନ ହୋଇ ସଂଶୟକୁଣ୍ଡଳୀ ମଧ୍ୟରେ ନିଜକୁ ହଜାଇ ଦେଇଛି । ଫଳରେ ସମସ୍ତ ଅଲୌକିକ ଦୈବୀକଲ୍ୟାଣ ଦେଖି ମଧ ଦେଖିପାରୁନାହିଁ, ଜାଣି ବି ଅନୁଭବ କରିପାରୁ ନାହିଁ । ତେଣୁ କୃପାମୟ ପିତା ଚେତନା ସହିତ ଅପହୃତ ଜ୍ଞାନଶକ୍ତି ପୁନଃପ୍ରତିଷ୍ଠା କରାଇବା ଲକ୍ଷ୍ୟନେଇ ''ପଞ୍ଚଭୂତ ମାଧ୍ୟମରେ ବ୍ରହ୍ମକଲ୍ୟାଣ'' ଶୀର୍ଷକ ପ୍ରସଙ୍ଗରେ ବାସ୍ତବଚିତ୍ର ସ୍ମରଣ କରାଇଚାଲିଛନ୍ତି । ସେଥିମଧ୍ୟରୁ ପୂର୍ବ ପାଖୁଡ଼ାଗୁଡିକରେ ବାୟୁ ଓ ଜଳ ସଂପର୍କରେ ବର୍ଣ୍ଣନା କରିଛନ୍ତି । କ୍ରମାଙ୍କର ତୃତୀୟ ପଲ୍ଲବ ଶୋଭିତ କଲ୍ୟାଣ ଝରିପଡ଼ିଛି ''ବାୟୁର ପଞ୍ଚଭୂତାତ୍ମକ ପିଣ୍ଡତତ୍ତ୍ୱ'' କ୍ଷେତ୍ର ଉପରେ ।

ଅନନ୍ତ ତୁମେ ଅଖିଳେଶ୍ୱର,
ସ୍ୱାମୀ ପିଣ୍ଡବ୍ରହ୍ମାଣ୍ଡର ।
ତୁମେ ହିଁ କ୍ଷିତି ପ୍ରଳୟ ସ୍ଥିତି,
ଏକା ଅଟ ଆପଣାର ॥୧॥

ମାଗେ ନମାଗେ ଡ଼ାକେ ନ ଡ଼ାକେ,
ଦେଉଛ କଲ୍ୟାଣ ଧାରା ।
ଅବ୍ୟକ୍ତ ପତି ବ୍ୟକ୍ତ ରୂପରେ
ପଡିତେ ଦେଇଛ ଧରା ॥୨॥

ତଥାପି କାଳ ଆଘାତେ ପ୍ରଭୁ,
ଯାଉଛି ତୁମକୁ ଭୁଲି ।
କଲ୍ୟାଣକର କଲ୍ୟାଣମୟ,
ଜ୍ଞାନନେତ୍ର ଯାଉ ଖୋଲି ॥୩॥

## କଲ୍ୟାଣ ଦେଲି ତୋତେ

‘ଚରମ’ରେ ଧନ ମୋର ଅବୁଝା ହୋଇଲୁ,
ଯେତେ ସୂକ୍ଷ୍ମ ଚେତାଦେଲି ସବୁ ପାଶୋରିଲୁ ।୧।
ଧାରା ଦେଲି ରାଧାଭାବେ ଧରିବୁ ରାହାସ,
ତର୍କ, ଦ୍ୱନ୍ଦ୍ୱ ମଧ୍ୟେ ରହି କଲୁ ଅବିଶ୍ୱାସ ।୨।
ସ୍ଥୂଳ ଦେହ ମୋହେ ପଡି ଥକା, ପରିହାସେ,
ସମୟ ବିତାଇ ଦେଇ ଅନିତ୍ୟ ଅଳସେ ।୩।
ଯାହା ତୋର ଇଚ୍ଛା ତାହା କରୁଥା ତୁ ବସି ।
ଧର୍ମ ଦେବ କର୍ମଫଳ ଚକ୍ରରେ ଆକର୍ଷି ।୪।
ମୋର ଯାହା କର୍ମ ମୁହିଁ କରୁଛି, କରିବି,
ଜ୍ଞାନର ମଶାଲ ନେଇ ସମ୍ମୁଖେ ରହିବି ।୫।
ପଞ୍ଚଭୂତ ତତ୍ତ୍ୱେ ଯେଉଁ କଲ୍ୟାଣ ରହିଛି,
ସେଥିରୁ ଜଳ ଓ ବାୟୁ ପୂର୍ବରୁ କହିଛି ।୬।
ସେହି ଭୂତ ତୋ ଶରୀରେ କିପରି ଖେଳୁଛି,
ତୋ'ର ଅଜ୍ଞାତରେ କେଉଁ କଲ୍ୟାଣ ଦେଉଛି ।୭।
ସେହି ଗୁପ୍ତ ରହସ୍ୟ ତୁ ମନଦେଇ ଶୁଣ,
ନୋହିଲେ ମାନବ ଜନ୍ମ ହେବ ଅକାରଣ ।୮।
ପ୍ରଥମେ କହୁଛି ‘ବାୟୁ’ ଗୁଣର ରହସ୍ୟ,
ଶ୍ରଦ୍ଧାରେ ଗମିଲେ ଫଳ ଲଭିବୁ ଅବଶ୍ୟ ।୯।
ପଞ୍ଚ ପାଖୁଡ଼ାରେ ସଜ ସଦା ବାୟୁ ପୁଷ୍ପ,
ସାଇତି ରଖିବୁ ଦେଇ ଶ୍ରଦ୍ଧାର ପ୍ରଲେପ ।୧୦।
ଧାରଣ, ଚାଳନ, ସଙ୍କୋଚନ, ପ୍ରସାରଣ,
କ୍ଷେପଣାଦି ଅଟଇ ଯେ ବାୟୁ ପଞ୍ଚଗୁଣ ।୧୧।
ଗୋଟି ଗୋଟି ଗୁଣ ତୋତେ ଦେଉଛି ବୁଝାଇ,
‘ଧାରଣ’ ସୂତ୍ରରେ ଆତ୍ମା ପିଣ୍ଡ ଧରିଥାଇ ।୧୨।
ପିଣ୍ଡର ମନ୍ଦିରରେ ନାଦ ଗର୍ଦ୍ଦଣ କୋଷ,
ପଞ୍ଚବାୟୁ ମୂଳାଧାରେ ହେଉଛି ପ୍ରକାଶ ।୧୩।
ମୁଣ୍ଡରୁ ତଳିପା ଯାଏ ଉଜାଣି ବହୁଛି,
ମନକୁ ଚୈତନ୍ୟ ସେହି ଭେଦ କରୁଅଛି ।୧୪।
ପିଙ୍ଗଳା, ସୁଷୁମ୍ନା, ଇଡ଼ା, ଚିତ୍ରିଣୀ ସ୍ନାୟୁରେ,
ଗତି କରୁଅଛି ‘ବାୟୁ’ ତୋର ଅଜ୍ଞାତରେ ।୧୫।
ଯେତେବେଳେ ଯେଉଁ କର୍ମ କରୁଅଛୁ ତୁହି,
ସୁ-ଭାବ ଅବା କୁଚିନ୍ତା ଯାହା କରୁ ରହି ।୧୬।
ବାୟୁର ‘ଧାରଣ’ ଗୁଣେ ‘ନାଦ’•ରେ ରହୁଛି,
ଚିତ୍ରିଣୀ ନାଡ଼ି ତାହାର ଚିତ୍ର ତୋଳୁଅଛି ।୧୭।
‘ବାୟୁ’ ଗୁଣ ପବନରେ ସେହି ଭାବନେଇ,
ସୂକ୍ଷ୍ମରେ ଚେତା କେନ୍ଦ୍ରରେ ଦିଏ ପହଞ୍ଚାଇ ।୧୮।
ମନର ବୁଦ୍ଧି ବିବେକ ବାୟୁରେ ପୂରିଛି,
ଚେତା କେନ୍ଦ୍ର ସହ ସଦା ସଂପର୍କ ରଖିଛି ।୧୯।
ବେଳ ଭଣି ସେହି କର୍ମ କରିବା ପ୍ରେରଣା,
ବାୟୁଦ୍ୱାରା ବାନ୍ଧି ମନ କରେ ବାଟବଣା ।୨୦।
ଚତୁର ହୋଇ ଯେ ଜୀବ ଚେତନାରେ ରହେ,
ବୁଦ୍ଧି ଓ ବିବେକ ବଳେ ସୁଭାବକୁ ନିଏ ।୨୧।
କୁଚିନ୍ତାର ଚିତ୍ରକୁ ସେ ବଦଳାଇ ଦିଏ,
ବାୟୁର ପରଶେ ‘କୁ’ରେ ‘ସୁ’ ଭରିଯାଏ ।୨୨।

*• ନାଦ = ନାଦଗର୍ଦ୍ଦଣ କୋଷ*

**ତୋର ମଙ୍ଗଳକାଂକ୍ଷୀ**
**ପିତା**

# ନୀଳଚକ୍ର ଚରମର ସଂକେତ

## ଉତ୍ସବ ପରିଚିତି

### ବ୍ରହ୍ମବିରାଟ ଶ୍ରୀପାଦୁକା କ୍ଷୀରସ୍ନାନ ମହୋତ୍ସବ ଓ ଯଜ୍ଞାନୁଷ୍ଠାନ

[ ୧୪୦୮ ସାଲ କୁମ୍ଭ ଦି୨୩ନ ଠାରୁ କୁମ୍ଭ ଦିନ୨୬ନ, ତା୦୬.୩.୨୦୦୧ରିଖରୁ
ତା୦୯.୩.୨୦୦୧ରିଖ ଶୁକ୍ରବାର ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଶଙ୍ଖୁଆ ଠାରେ ପାଳିତ ]

ପାଦୁକା ଗୁରୁଦେବସ୍ୟ ସାକ୍ଷାଦ୍ ଗୁରୁ ପ୍ରକୀର୍ତ୍ତିତଃ
ତାଂ ବନ୍ଦାମହେ ନିତ୍ୟଂହି ଯା ତାପତ୍ରୟ ନାଶକଃ ।
ସା ମେ ପାତୁ ଜଗତ୍ ପାତୁ ପାତୁ ସକଳ ସଜ୍ଜନାନ୍
ଯଚାମହେ ଦଦାତୁମେ ମଙ୍ଗଳଂ ସକଳଂ ସୁଖମ୍ ॥

ବନ୍ଦେ ଦେବଗୁରୁଂ ସୁକାନ୍ତିତନୟଂ ବନ୍ଦେ ଯଦୁନନ୍ଦନମ୍
ବନ୍ଦେଽଜ୍ଞାନ ହରଂ ସୁଶୋଭନ ବପୁଂ ବନ୍ଦେ ଜଗଦ୍‌କାରଣମ୍ ।
ବନ୍ଦେ ଗୈରିକ ଦୁକୁଳଂ ପରିହିତଂ ବନ୍ଦେ ଜଗଦ୍ ପାଳକମ୍
ବନ୍ଦେ ଭକ୍ତଗଣାଶ୍ରୟଂ ବରଦଂ ଚ ବନ୍ଦେ ପରମାତ୍ମନମ୍ ॥

ପ୍ରାଣଃ ପ୍ରାଣୀନାଂ ଜୀବନଂ ଜୀବିତାନାମ୍
ଜ୍ଞାନଂ ଜ୍ଞାନୀନାଂ ସାଧନଂ ସାଧକାନାମ୍ ।
ଯୋଗ ଯୋଗୀନାମୀଶ୍ୱର ଆସ୍ତିକାନାମ୍
ଭକ୍ତିର୍ଭକ୍ତାନାଂ ପ୍ରଭୁପାଦଃ କେଶବଃ ॥

# ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !!!

ଜଗତ୍‌ପତିଙ୍କ ଜଗତ ପାଳନ ଓ କଲ୍ୟାଣର କ୍ରିୟା, କୌଶଳ ଯେତିକି ବିଚିତ୍ର, ସେତିକି ମଧୁର, ମନୋରମ ତଥା ଆନନ୍ଦ ପ୍ରଦାୟକ । ନିଜ ଇଚ୍ଛାମତେ ସୃଷ୍ଟି ରଚନା କରି ଅନେକ ଲୀଳାପୁଷ୍ପର ମହକରେ ଧରିତ୍ରୀକୁ ପୁଲକିତ କରିଛନ୍ତି । ଦିବ୍ୟସତ୍ତାର ଝଲକରେ ଜୀବଜଗତ ନିର୍ମାଣ କରୁଛନ୍ତି । ସ୍ୱଅଙ୍ଗର ମହାଜ୍ୟୋତି ପିଣ୍ଡରୁ ଆତ୍ମସତ୍ତା ରୋପଣ କରି ଜୀବନର ସଂଜ୍ଞା ପ୍ରଦାନ କରୁଛନ୍ତି । ଜୀବର ଜୀବନ ଉପଭୋଗ ପାଇଁ ପ୍ରକୃତି ଅଙ୍ଗ ମାଧ୍ୟମରେ ମାୟା, ମୋହ ରୂପକ ସୁଗନ୍ଧଯୁକ୍ତ ପ୍ରଲେପ ଦେଇ ଜୀବକୁ ଅଚେତନ କରି ଦେଉଛନ୍ତି । ପୁନଶ୍ଚ ନିଜ ସ୍ଥିତି ସମ୍ପର୍କରେ ସଚେତନ ହୋଇ ଦିବ୍ୟ ଚେତନା ପ୍ରାପ୍ତି ପାଇଁ ବିଭିନ୍ନ ମତ ଓ ପଥ କରିଆରେ ଜୀବକୁ ଆକର୍ଷଣ କରି କୋଳେଇ ନେଉଛନ୍ତି । ତାଙ୍କରି କଲ୍ୟାଣରୁ ଜୀବ ଯେତେବେଳେ ମାୟାପୁରୀର କଠିନ ଆସ୍ତରଣରେ ଅସ୍ତବ୍ୟସ୍ତ ହୋଇଯାଉଛି, ଠିକ୍ ସେତିକିବେଳେ କରୁଣାମୟ ତାଙ୍କର ପଦ୍ମପାଦ ବିସ୍ତାର କରି ବଢ଼ାଇ ଦେଉଛନ୍ତି ଏବଂ ଆହ୍ୱାନ କରୁଛନ୍ତି, ''ରେ ମୋର ଅବୋଧ ସନ୍ତାନ ! କାହିଁକି ଏତେ ବିବ୍ରତ ହେଉଛୁ ? ଚକ୍ଷୁମେଲି ଦେଖିନେ, ମୁଁ ତୋର ନିକଟରେ, ଖୁବ୍ ନିକଟରେ ଅଛି । ତୁ ମୋରି ପାଖରୁ ଯାଇଛୁ । ମୋର ହୋଇ ରହିଛୁ । ମୋ ପାଖକୁ ହିଁ ଆସିବୁ । ସୌନ୍ଦର୍ଯ୍ୟ, ସୁଗନ୍ଧରେ ପୂର୍ଣ୍ଣ ମାୟାପୁଷ୍ପ ଯଦି ତୋର ଆଉ ଲୋଡ଼ା ନାହିଁ, ତେବେ ଚାଲିଆ, ଯେଉଁ ପଦ୍ମପାଦ ପାଇଁ ବ୍ୟାକୁଳ ହେଉଛୁ, ସେହି ପଦ ମୁଁ ତୋ ନିକଟରେ ପହଞ୍ଚାଇ ଦେଉଛି । ମନଭରି ଆସ୍ୱାଦନ କର ଏବଂ ଶେଷରେ ପରମ ସନ୍ତୋଷ ଲାଭକରି ସେହି ପାଦରେ ବିଶ୍ରାମ ନେଇଯାଅ ।'' ଏହି ମମତାଭରା ଅଭୟ ଆହ୍ୱାନରେ ମନ, ପ୍ରାଣ ଶିହରି ଉଠୁଛି । ଏହା ସତ୍ୟ । ମାତ୍ର ପରକ୍ଷଣରେ ମନ ଦ୍ୱନ୍ଦର ଶିକାର ହୋଇ ଖୋଜି ବୁଲୁଛି-କାହିଁ, କେଉଁଠି ଅଛି ସେ ପଦ୍ମପାଦ ? କାହାକୁ ପଦ୍ମପାଦ କହିବା ? କିପରି ପାଇବା ? ଇତ୍ୟାଦି ଅନେକ ଅସମାହିତ ପ୍ରଶ୍ନ ତା' ମଧ୍ୟରେ ଉଦ୍ରେକ ହୋଇଯାଉଛି । ସେହି ସମସ୍ତ ଦ୍ୱନ୍ଦ୍ୱ, ପ୍ରଶ୍ନର ସମାଧାନ ପାଇଁ ଆମ ଅନୁଷ୍ଠାନ ତରଫରୁ ''ଶ୍ରୀପଦ ପାଦୁକା ବନ୍ଦନା'' ନାମକ ଏକ କ୍ଷୁଦ୍ର ପତ୍ରିକା ପ୍ରକାଶିତ ହୋଇ ସେଥିରେ ''ପଦ୍ମପାଦ'' ଓ ''ଶ୍ରୀ ପାଦୁକା'' ସମ୍ପର୍କରେ ସୂଚନା ଦିଆଯାଇଥିଲା । ଆଜିର ଆଲୋଚ୍ୟ **''ବ୍ରହ୍ମବିରାଟ ଶ୍ରୀ ପାଦୁକା କ୍ଷୀରସ୍ନାନ''** ବିଷୟବସ୍ତୁକୁ ଯିବା ପୂର୍ବରୁ ''ଶ୍ରୀପାଦୁକା''ର ସଂଜ୍ଞା ଅବଗତ କରାଇବା ପ୍ରଥମ କର୍ତ୍ତବ୍ୟ ମନେ କରି ପୂର୍ବ ପ୍ରକାଶିତ ପତ୍ରିକାର କିଛି ଅଂଶ ଏଠାରେ ଉପସ୍ଥାପନ କରି ସଜ୍ଜନମାନଙ୍କ ସ୍ମୃତି ଚାରଣ କରାଇବାର ପ୍ରୟାସ କରୁଅଛୁ ।

ପଦ୍ମପାଦ ଦର୍ଶନ, ଅନୁଭବ କରିଥିବା ମହାନ୍ ପୁରୁଷମାନଙ୍କ ମଧ୍ୟରେ ଅଗ୍ରପୂଜ୍ୟ ମହାପୁରୁଷ ଅଚ୍ୟୁତାନନ୍ଦ ସେହି ''ପଦ୍ମପାଦ'' ସମ୍ବନ୍ଧରେ ସୂଚନା ଦେବାକୁ ଯାଇ ତାଙ୍କ ସ୍ୱରଚିତ ''ଗୁରୁଭକ୍ତି ଗୀତା'' ତୃତୀୟଖଣ୍ଡ ଷଷ୍ଠ ଚତ୍ୱାରିଂଶତ୍ ପଟଳରେ ପଦ୍ୟାଂଶରେ ଯାହା କହିଥିଲେ, ତାହାର ସାରାଂଶ ଅନୁଯାୟୀ-ଏ ସୃଷ୍ଟିର ଆଦି ବୀଜ ''କ୍ଲୀଂ, ଶ୍ରୀଂ, ହ୍ରୀଂ'' ଓଁକାର ସହ ଏକତ୍ର ହୋଇ ସ୍ରଷ୍ଟାଙ୍କ ଅଙ୍ଗର ଯେଉଁ ସ୍ଥାନରେ ଅବସ୍ଥାନ କରନ୍ତି, ସେହି ସ୍ଥାନର ନାମ ହେଉଛି ''ପାଦ'' । ଏହିଠାରୁ ହିଁ ସୃଷ୍ଟିର ଉତ୍ପତ୍ତି, ସ୍ଥିତି ଓ ସଂହାର । ସୁତରାଂ ଉକ୍ତ ''ପାଦ'' ହିଁ ସକଳ ଶକ୍ତି, ସର୍ବ ତୀର୍ଥ, ଧାମର କେନ୍ଦ୍ରସ୍ଥଳ । ଏହି ପାଦ ଚାରିଦଳ ବିଶିଷ୍ଟ ପଦ୍ମଫୁଲ ଉପରେ ରହିଅଛି । ପଦ୍ମଫୁଲର ସ୍ଥିତି ଓ ଆକୃତି ବର୍ଣ୍ଣନା କରିବାକୁ ଯାଇ ସେ କହିଛନ୍ତି- ''ଅଥର୍ବ ବେଦ ହେଉଛି ପୃଥ୍ୱୀ ବା ସ୍ଥଳଭାଗ । ଏହି ସ୍ଥଳଭାଗରେ ''ସାମବେଦ'' ହେଉଛି ଜଳରାଶି । ଏ ଜଳରାଶି ମଧ୍ୟରେ ପୃଥ୍ୱୀ ରୂପକ ଅଥର୍ବ ହିଁ ପଙ୍କ ହୋଇ ରହିଅଛି । ଉକ୍ତ ପଙ୍କରୁ ପୁନଶ୍ଚ ''ସାମବେଦ'' ପଦ୍ମବୃକ୍ଷ ହୋଇ ଉଭା ହୋଇଅଛି । ''ଶାମ'' ରୂପକ ବୃକ୍ଷରେ ''ଋକ୍‌ବେଦ'' ପଦ୍ମପତ୍ର ଓ ପଦ୍ମପୁଷ୍ପ ହୋଇ ଶୋଭା ପାଉଛି । ଏହି ଅଦ୍ଭୁତ ''ପଦ୍ମ'' ଫୁଲରେ ''ଶିଶୁ'' ବେଦ

କେଶର ହୋଇ ରହିଛି । ଜୀବର ଉଦ୍ଧାର ପାଇଁ ଯେଉଁ ଷୋଡ଼ଶ ମନ୍ତ୍ର ସାଧନର ପ୍ରୟୋଜନ ଥାଏ, ସେହି ଷୋଡ଼ଶ ମନ୍ତ୍ର ଉକ୍ତ ପଦ୍ମପାଖୁଡ଼ାରେ ବିକ୍ଷିପ୍ତ ଭାବରେ ସ୍ଥିତ ହୋଇଛି । ତାରକ ବ୍ରହ୍ମନାମ ''ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ'' ହିଁ ଷୋଡ଼ଶ ମନ୍ତ୍ର ନାମରେ ଖ୍ୟାତ ହୋଇଅଛି । ଏହି ନାମ ମଧ୍ୟରୁ ଚାରିବେଦର ଆକାର ଗ୍ରହଣ କରିଥିବା ପଦ୍ମଫୁଲର ''ଯଜୁଃବେଦ'' ସ୍ଥିତ ଦଳରେ ''ହରେ'' ଅଛନ୍ତି । ''କୃଷ୍ଣ'' ଶାମ ଦଳରେ ଓ ''ରାମ'' ଋକ୍ ଦଳରେ ଅବସ୍ଥାନ କରିଅଛନ୍ତି । ଏ ସମସ୍ତ ନାମ ପୁନଶ୍ଚ ଏକତ୍ର ମିଳିତ ହୋଇ ''ଅଥର୍ବ'' ବେଦ ବା ପଦ୍ମର ମୂଳାଧାରରେ ମିଳିତ ହୋଇ ଅଛନ୍ତି । ଏହି ପବିତ୍ରତମ ପଦ୍ମ ପାଖୁଡ଼ାରେ ହ୍ରୀଂ, ଶ୍ରୀଂ ଓ କ୍ଲୀଂ ଆଦିବୀଜ ଅବସ୍ଥାନ କରିଅଛନ୍ତି । ମତାନ୍ତରେ ''ବେଦ'' ଅର୍ଥାତ୍ ଶରୀର । ଜୀବର ସଂସ୍କାର, କର୍ମପ୍ରବାହ ଓ ସିଦ୍ଧି ଅବସ୍ଥାକୁ ନେଇ ଏହି ଚତୁର୍ବେଦ ''ଶାମ, ଯଜୁଃ, ଋକ୍ ଓ ଅଥର୍ବ''ର ବିଚାର କରାଯାଇଥାଏ । ପିଣ୍ଡସାଧନର ଚରମ ପର୍ଯ୍ୟାୟରେ ସାଧକ ସମାଧି ଅବସ୍ଥାରେ ହିଁ ପଦ୍ମଫୁଲର କେଶର ରୂପରେ ରହିଥିବା ''ଶିଶୁବେଦ''କୁ ଅନୁଭବ, ଉପଲବ୍ଧ କରିପାରେ । ପୁନଶ୍ଚ ଏହି ଧରିତ୍ରୀ ହେଉଛି ପଦ୍ମର ଆଧାର । ଏହାରି ଉପରେ ପଞ୍ଚବେଦ, ଷୋଡ଼ଶ ମନ୍ତ୍ର ପଦ୍ମର ପାଖୁଡ଼ା, ପତ୍ର, ଫୁଲ ଓ କେଶର ରୂପରେ ଅବସ୍ଥାନ କରିଅଛନ୍ତି । ସୁତରାଂ ଆଲୋଚ୍ୟ ''ପଦ୍ମ''ଟି ହିଁ ''ସୃଷ୍ଟି'' । ଏହି ସୃଷ୍ଟି ପଦ୍ମ ଉପରେ ସ୍ରଷ୍ଟା ପାଦ ରଖିଥିବାରୁ ତାଙ୍କ ପାଦର ନାମ ''ପଦ୍ମପାଦ'' । ପ୍ରଭୁଙ୍କର ପାଦରୁ ଅହରହ ଯେଉଁ ''ଝାଳ'' (ସ୍ୱେଦ) ବହିଯାଉଛି ତାହାରି ନାମ ''ଅମୃତ'' । ପାଦ ''ପଦ୍ମ'' ଉପରେ ଥିବାରୁ ଅମୃତ ସେହି ପଦ୍ମ ମାଧ୍ୟମରେ ଝରି ଆସୁଅଛି । ତେଣୁ ନିତ୍ୟସିଦ୍ଧ ସାଧୁ, ଦର୍ଶନ ଯୋଗୀମାନେ ସେମାନଙ୍କର ନିର୍ବିକଳ୍ପ ସମାଧି ଅବସ୍ଥାରେ ଉକ୍ତ ଦୁର୍ଲଭ ଅବସ୍ଥା ଉପଲବ୍ଧ କରୁଥିବାରୁ କେବଳ ''ଅମୃତଝରା ପଦ୍ମପାଦ'' ଉପରେ ସେମାନଙ୍କର ଲକ୍ଷ୍ୟ ଆବଦ୍ଧ ରଖନ୍ତି ଏବଂ ଅହରହ ସେହି ସ୍ଥାନକୁ ଧ୍ୟାନ କରି ସେଥିରେ ମଗ୍ନ ହୋଇ ଯିବାକୁ ବ୍ୟାକୁଳ ହୁଅନ୍ତି । କଠୋର ସାଧନ ମାଧ୍ୟମରେ ଏହି ସ୍ଥିତି ପ୍ରାପ୍ତ ନ ହେବାଯାଏ ''ପଦ୍ମପାଦ'' ଦର୍ଶନ ହୁଏ ନାହିଁ । ସେହି ମର୍ମରେ ମହାପୁରୁଷ କହନ୍ତି:

ନବ ନିମିଷ କ୍ଷଣେ ଦଣ୍ଡେ । ସାଧୁଣ ଥିବ ଜୀବ ପିଣ୍ଡେ ।।
ବିଅର୍ଥ ଜନମ ନୋହିବ । ଗୋଲୋକ ସେବାରେ ରହିବ ।।
ପାଦପଦ୍ମ ସେ ଯାହା କହି । ଚକ୍ଷୁ ଗୋଚର ନ ଦିଶଇ ।।
ଚକ୍ଷୁ ମୁଦ୍ରିତ କରି ରହି । ଭ୍ରୁରୁଥାନରେ ମନ ଦେଇ ।।
ତେବେ ଦର୍ଶନ ପଦ୍ମପାଦ । ଖଣ୍ଡଇ ସକଳ ବିପଦ ।।

ତେଣୁ 'ପଦ୍ମପାଦ' କେବଳ ସୂକ୍ଷ୍ମ ଦର୍ଶନରେ ପ୍ରାପ୍ତ ହୁଏ । ସାଧନର ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ଥୂଳ ବସ୍ତୁର ଆଧାର ଅପରିହାର୍ଯ୍ୟ ହୋଇପଡ଼େ । ଏତଦ୍‌ବ୍ୟତୀତ ଯୁଗ ପ୍ରଭାବରେ ପ୍ରଭାବିତ ହୋଇ ସାଧାରଣ ତଥା ସାଧନହୀନ ଜୀବ ବ୍ରହ୍ମ ଉପଲବ୍ଧିଜନିତ କରୁଣା ପ୍ରାପ୍ତ ହେବାର ସୌଭାଗ୍ୟରୁ ବଞ୍ଚିତ ହୋଇପଡ଼େ । ସେଥିପାଇଁ ତପସ୍ୱୀଗଣ ସେମାନଙ୍କ ତପବଳରେ ବ୍ରହ୍ମତତ୍ତ୍ୱ ପ୍ରାପ୍ତ ହୋଇ ''ପଦ୍ମପାଦ''ର ସମସ୍ତ ଶକ୍ତି ତଥା ଫଳପ୍ରାପ୍ତି ତେଜରଶ୍ମୀକୁ ପୁଞ୍ଜୀଭୂତ କରି 'ଶ୍ରୀପାଦୁକା' ରୂପରେ 'ପଦ୍ମପାଦ'ର ସ୍ଥୂଳ ଅବତରଣ କରାଇଥିଲେ । ତାହାର ସମ୍ୟକ୍ ସୂଚନା ମଧ୍ୟ ନିମ୍ନରେ ପ୍ରଦାନ କରୁଅଛୁ ।

ସତ୍ୟଯୁଗରେ ଯେତେବେଳେ ଅବତାର ଧାରଣର ସମୟ ଉପସ୍ଥିତ ହେଲା, ସେତେବେଳେ ନୈମିଷ୍ୟାରଣ୍ୟରେ ଅବସ୍ଥାନ କରୁଥିବା ତପସ୍ୱୀଗଣ (ଯଥା: ମଧୁଭୃତ, ଚୟମାଦ୍ରି, ଉପାଶ୍ରନ, ପୈଭକନ୍ଦ, ଅନ୍ତଦୃଷ୍ଟା, ଆତ୍ମସ୍ୱିନୀ, ପ୍ରାପକ, ରଧନ୍ଧି) ଉପରୋକ୍ତ ଅଭାବନୀୟ ପରିସ୍ଥିତିକୁ ବିଚାର କରି ସ୍ଥିର କଲେ, ପ୍ରଭୁଙ୍କ ଅବତାର ସମୟରେ

ଧରାପୃଷ୍ଠରେ 'ପଦ୍ମପାଦ' ପ୍ରତିଷ୍ଠା କରିବା ପାଇଁ ତାଙ୍କୁ ''ଶ୍ରୀପାଦୁକା'' ସମର୍ପଣ କରାଯିବ । ସେ ସେହି ପାଦୁକା ଧାରଣ କରି ଅବତରିତ ହେବେ । ତାଙ୍କ ପଦ୍ମପାଦର ସ୍ଥୂଳ ସ୍ପର୍ଶରେ ଜୀବନ୍ୟାସ ପାଇ ପଦ୍ମପାଦର ସ୍ଥୂଳ ରୂପରେ ଶ୍ରୀପାଦୁକା ପୂଜିତ ହେବ ଏବଂ ଜ୍ଞାନ, ସିଦ୍ଧି, କୈବଲ୍ୟ ଓ ବିଭୂତି ପ୍ରଦାନ କରି ଜୀବ ଜଗତକୁ ଉଦ୍ଧାର କରିବେ । ଏହି ଲକ୍ଷ୍ୟ ନେଇ ସେମାନେ ପ୍ରଭୁଙ୍କ ପାଇଁ ପାଦୁକା ନିର୍ମାଣ କରିବାକୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ପ୍ରାର୍ଥନା କଲେ । ବିଶ୍ୱକର୍ମା ତପସ୍ୱୀମାନଙ୍କ ଭାବ ଗ୍ରହଣ କରି ଭକ୍ତଶ୍ରେଷ୍ଠ ଶିଳ୍ପୀ ''କନ୍ଦୁକନ୍ତ'ଙ୍କ ଦ୍ୱାରା ଶ୍ରୀପାଦୁକା ନିର୍ମାଣ କରାଇ ତପସ୍ୱୀମାନଙ୍କୁ ପ୍ରଦାନ କଲେ । ଏହାପରେ ତପସ୍ୱୀମାନେ ବୈଦିକ ରୀତିରେ ଶ୍ରୀପାଦୁକାଙ୍କୁ ପ୍ରାଣପ୍ରତିଷ୍ଠା କରାଇ ପରମେଶ୍ୱରଙ୍କୁ ସମର୍ପଣ କଲେ । ପ୍ରଭୁ ସତ୍ୟଯୁଗରେ ଯେତେବେଳେ ଯେଉଁ ଅବତାର ଧାରଣ କରି ଆସିଛନ୍ତି, ଏହି ଶ୍ରୀପାଦୁକା ଧାରଣ କରି ଆସିଛନ୍ତି ଏବଂ ସ୍ଥୂଳରେ ତାହାକୁ ପଦ୍ମପାଦର ପୂର୍ଣ୍ଣ ମର୍ଯ୍ୟାଦା ଦାନ କରିଛନ୍ତି । ଏହାହିଁ ''ପଦ୍ମପାଦ'' ଓ ''ଶ୍ରୀପାଦୁକା'' ରହସ୍ୟ ।

ଯୁଗଲୀଳାର ନିଷ୍ପତ୍ତି ଅନୁଯାୟୀ ଆଜି ଧରାପୃଷ୍ଠରେ ଉଭୟ ''ପଦ୍ମପାଦ' ଓ ''ଶ୍ରୀ ପାଦୁକା''ଉପସ୍ଥିତ । ଉକ୍ତ ଶୁଭଲଗ୍ନ ସମ୍ପର୍କରେ ପୂର୍ବଯୁଗ ଓ ସମୟରୁ ଯେଉଁ ମହାପୁରୁଷମାନେ ସେମାନଙ୍କ ସମାଧି ସ୍ତରରେ ଅବଗତ ହୋଇଥିଲେ ସେମାନେ ସାଧନର ଅନ୍ତିମ ତଥା ସିଦ୍ଧି ମୁହୂର୍ତ୍ତରେ ପଦ୍ମପାଦ ଦର୍ଶନ, ଅନୁଭବ କରିଥିଲେ ଏବଂ କଳିର ଲୀଳାବତରଣ ସମୟରେ ସେହି ଶ୍ରୀପାଦୁକାଙ୍କର ମହାସ୍ନାନ ପାଇଁ ବର ଭିକ୍ଷା କରିଥିଲେ । ଯିଏ ଯେଉଁ ସ୍ଥାନରେ ଦର୍ଶନ କରିଥିଲେ,ସିଏ ସେହି ସ୍ଥାନରେ ଗୋଟିଏ ଗୋଟିଏ ସ୍ନାନ ଭିକ୍ଷା କରିଥିଲେ । ତଦନୁସାରେ ପ୍ରଭୁ ସୂକ୍ଷ୍ମସ୍ତରରେ ପ୍ରଦାନ କରିଥିବା ବର ସ୍ଥୂଳରେ ପାଳିତ ହୋଇ ଜୀବକଲ୍ୟାଣ କାର୍ଯ୍ୟ କରି କରାଇନେବା ଲକ୍ଷ୍ୟରେ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ସ୍ଥିରୀକୃତ ଯାଚଞ୍ଚା ସ୍ନାନ ଉତ୍ସବ ପାଳିତ ହୋଇ ଚାଲିଛି । ସ୍ୱକ୍ଷେତ୍ର ''ସ୍ୱର୍ଣ୍ଣକ୍ଷେତ୍ର''ରେ ଶୁଦ୍ଧଜଳ ସ୍ନାନପରେ ଗତ ୧୪୦୭ ସାଲ ବୃଷ ଦି୨୬ନ, ଜ୍ୟେଷ୍ଠ ଦି୧୦ନ, ରବିବାର ଠାରୁ ବୃଷ ଦି୨୯ନ, ଜ୍ୟେଷ୍ଠ ଦି୧୭ନ ବୁଧବାର ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲା ମଇଦାନକେଲ୍ ଠାରେ ଶ୍ରୀପାଦୁକାଙ୍କର ''ଦଧିସ୍ନାନ'' ମହୋତ୍ସବ ପାଳିତ ହୋଇ ଯାଇଛି । ସେ ସମ୍ପର୍କିତ ସୂଚନା ଆମର ଅନୁଷ୍ଠାନ ତରଫରୁ ପତ୍ରିକା ଆକାରରେ ପ୍ରକାଶିତ ହୋଇଯାଇଛି ।

ଆଜି ସେହି କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ''ଶଙ୍ଖୁଆ'' ଠାରେ ଶ୍ରୀପାଦୁକାଙ୍କର ''କ୍ଷୀରସ୍ନାନ'' ମହୋତ୍ସବ ପାଳିତ ହେଉଅଛି । ସେହି ଅବସରରେ ''କ୍ଷୀର'' କିପରି ସୃଷ୍ଟି ହୋଇଥିଲା ଓ କାହିଁକି କ୍ଷୀରସ୍ନାନ ପାଇଁ ମହାପୁରୁଷ ଜଣେ ବରଭିକ୍ଷା କରିଥିଲେ, ସେହି ସମ୍ବନ୍ଧରେ ଆଲୋଚନା ଆରମ୍ଭ କରାଯାଇଛି ।

ପ୍ରଥମରୁ କୁହାଯାଇଛି, ''ସୃଷ୍ଟି, ସ୍ଥିତି,ସଂହାର'' ସବୁ ତାଙ୍କରି ଇଚ୍ଛାରେ ହିଁ ସଂଗଠିତ ହେଉଅଛି । ସେ ତାଙ୍କ ନିଜ ଇଚ୍ଛାମତେ ସୃଷ୍ଟି ସମ୍ଭାର ନିର୍ମାଣ କରି ଚାଲିଛନ୍ତି । ସେହି ଚିରାଚରିତ ପ୍ରଥାର ଅନ୍ୟ ଏକ ପର୍ଯ୍ୟାୟରେ ଇଚ୍ଛାମୟ ''ପ୍ରକୃତି, ମାୟା ତଥା ମହାମାୟାଙ୍କୁ ''ପିଣ୍ଡସୃଜନ'' ମଣ୍ଡଳରୁ ଆଣି ଭକ୍ତଙ୍କ ମନୋବାଞ୍ଛା ପୂରଣ ନିମନ୍ତେ ନିଜର ''ହୃଦୟ ବକ୍ଷରୁ'' ଧ୍ୟାନକ ନାଭି'' ମଧ୍ୟରେ ଧାରଣ କଲେ । ଏହାପରେ ସୂକ୍ଷ୍ମ ଶରୀରରେ ''ଶଙ୍ଖ ନାଭି'' ସୃଷ୍ଟିକରି ତାହାକୁ ୧୦୮ (ଏକଶତଆଠ)ପାଖୁଡାରେ ସଜାଇ ଦେଇ ତାହାକୁ ''ସୃଜୟ ଶଙ୍ଖ ନାଭି'' ନାମରେ ନାମିତ କଲେ । ଏହି ଅଂଶୀୟ ପାଖୁଡାରୁ ସୃଷ୍ଟିର ଆବଶ୍ୟକତାକୁ ବିଚାର କରି ସପ୍ତସାଗର, ନବଦ୍ୱୀପ, ପ୍ରଣବ,ବେଦପତି ବ୍ରହ୍ମା ତଥା ତାଙ୍କ (ବ୍ରହ୍ମା) ମାଧ୍ୟମରେ ସୃଷ୍ଟି ଓ ସୃଷ୍ଟି ପାଳକ, ସଂହାରକମାନଙ୍କୁ ସୃଷ୍ଟି କରାଇଲେ । ଜୀବ,ଜଗତକୁ ଲାଳନ ପାଳନ କରି କରାଇବା ପାଇଁ ବିଭିନ୍ନ ବସ୍ତୁ ଉଦ୍ଭବ କରାଇ ଦେଲେ । ସେ ବିଷୟରେ ଆଲୋଚନା କରିବା ପୂର୍ବରୁ ଶ୍ରୀମୁଖରୁ ନିସୃତ ହୋଇଥିବା ୧୦୮ ସୃଜନ ଶଙ୍ଖନାଭିର ନାମ ନିମ୍ନରେ ପ୍ରଦାନ କରୁଅଛୁଁ ।

## ଶଙ୍ଖନାଭିପଦ୍ମ ଓ ପଦ୍ମନାଭି ବ୍ରହ୍ମ ମଣ୍ଡଳ

୧. ବିଦ୍ରୁୟ ପଦ୍ମନାଭି
୨. ଗୁଣ୍ଡଲ୍ୟ ନାଭିପଦ୍ମ
୩. କୌଟିୟ ନାଭିପଦ୍ମ
୪. ଭୃଜୟ ଶଙ୍ଖନାଭି
୫. ଗର୍ଣ୍ଣୌତ୍ରୀ ନାଭିପଦ୍ମ
୬. ବନିତ୍ରୀ ଶଙ୍ଖନାଭି
୭. ଗଣ୍ଡିସ୍ରାବ ନାଭିପଦ୍ମ
୮. ମଡାଙ୍ଗ ଶଙ୍ଖନାଭି
୯. ରଧୟ ନାଭିପଦ୍ମ ଶଙ୍ଖ
୧୦. ରୋଧିକକ୍ଷ ନାଭିପଦ୍ମ
୧୧. ଧୃତକଃ ନାଭିପଦ୍ମ
୧୨. କର୍ଣ୍ଣୀପ୍ସା ନାଭିପଦ୍ମ
୧୩. ଆର୍ଣ୍ଣିବ ନାଭିପଦ୍ମ
୧୪. ଧୋରତ୍ରି ନାଭିପଦ୍ମ
୧୫. ବର୍ଣ୍ଣାଙ୍ଗ ନାଭିପଦ୍ମ
୧୬. ଗୁଞ୍ଜୁରା ନାଭି କ୍ଷୀର ପଦ୍ମ
୧୭. କ୍ଷୀରାବ୍ଧୀ ବର୍ଣ୍ଣ ନାଭିପଦ୍ମ
୧୮. କ୍ଷୀରାବ୍ଧି ଶଙ୍ଖ ନାଭିପଦ୍ମ
୧୯. ପଦ୍ମାଭି କ୍ଷୀର ନାଭିପଦ୍ମ
୨୦. ଧୃତଙ୍ଗୀ କ୍ଷୀର ନାଭିପଦ୍ମ
୨୧. କୃଭୋରୀ ନାଭିବ୍ରହ୍ମ
୨୨. ଗସ୍ବନି ନାଭିବ୍ରହ୍ମ
୨୩. ଗଣିଣୀ ନାଭିମାୟା
୨୪. ନୃର୍ସ୍ୱଁ ନାଭିପଦ୍ମ
୨୫. ତ୍ରାଣାଲିୟା ନାଭିବ୍ରହ୍ମ
୨୬. ଚରୟା ନାଭିବ୍ରହ୍ମ
୨୭. ମୃଣାଳୀ ନାଭିବ୍ରହ୍ମ
୨୮. ଲୟାତ୍ରୀ ନାଭିବ୍ରହ୍ମ
୨୯. ସ୍ବରଶ୍ରୁତି ନାଭିବ୍ରହ୍ମ
୩୦. ଶାବା ନାଭିବ୍ରହ୍ମ
୩୧. ବର୍ଣ୍ଣାଧୀ ନାଭିବ୍ରହ୍ମ
୩୨. ବିଦୃତି ନାଭିବ୍ରହ୍ମ
୩୩. ରତୁକାଇ ନାଭିବ୍ରହ୍ମ
୩୪. ଦ୍ୱରୀୟ ନାଭିବ୍ରହ୍ମ
୩୫. ଶ୍ରୁତିମାୟା ନାଭିବ୍ରହ୍ମ
୩୬. କୃଣା ନାଭିବ୍ରହ୍ମ
୩୭. ଘାଉର୍ଣ୍ଣି ନାଭିବ୍ରହ୍ମ
୩୮. କକ୍ଷାରି ନାଭିବ୍ରହ୍ମ
୩୯. ଖୌନିୟା ନାଭିବ୍ରହ୍ମ
୪୦. ଘର୍ଘରୀ ନାଭିବ୍ରହ୍ମ
୪୧. ଚର୍ଯ୍ୟନ୍ନ ନାଭିବ୍ରହ୍ମ
୪୨. ରୋତୟ ନାଭିବ୍ରହ୍ମ
୪୩. ଛରତି ନାଭିବ୍ରହ୍ମ
୪୪. ଜର୍ଣ୍ଣିନା ନାଭିବ୍ରହ୍ମ
୪୫. ଝରୋତ୍ର ନାଭିବ୍ରହ୍ମ
୪୬. ନିର୍ମ୍ମିକ୍ଷା ନାଭିବ୍ରହ୍ମ
୪୭. ନିଘାତ୍ରୀ ନାଭିବ୍ରହ୍ମ
୪୮. ଅୟୋଧାଇ ନାଭିବ୍ରହ୍ମ
୪୯. ଟଣୋଈ୍ଆ ନାଭିବ୍ରହ୍ମ
୫୦. ଟୀକ୍ଷାତ୍ରୀ ନାଭିବ୍ରହ୍ମ
୫୧. ଠାୟାଁଭୂମା ନାଭିବ୍ରହ୍ମ
୫୨. ଗଣୋମ୍ଭା ନାଭିବ୍ରହ୍ମ
୫୩. ଠୁୟାଧାଇ ନାଭିବ୍ରହ୍ମ
୫୪. ଢୃମାଚିକ୍ଷା ନାଭିବ୍ରହ୍ମ
୫୫. ଧୌତ୍ରୀ ନାଭିବ୍ରହ୍ମ
୫୬. କ୍ଷୃଣାନି ନାଭିବ୍ରହ୍ମ
୫୭. ହୟାଧାୟା ନାଭିବ୍ରହ୍ମ
୫୮. ହୌତ୍ରୀକ୍ଷା ନାଭିବ୍ରହ୍ମ
୫୯. ହୃଶୀନାୟା ନାଭିବ୍ରହ୍ମ
୬୦. ହୀମ୍ଭାତ୍ରାଣା ନାଭିବ୍ରହ୍ମ
୬୧. ଗର୍ଣ୍ଣ ନାଭିବ୍ରହ୍ମ
୬୨. ଭୃଜାନି ଶଙ୍ଖନାଭି
୬୩. ତ୍ରୀଯାମ୍ଭାଣୀ ନାଭିବ୍ରହ୍ମ
୬୪. ତ୍ରୈଲୋକ୍ୟ ନାଭିବ୍ରହ୍ମ

୬୫. ସାମାଶୁର୍ଣ୍ଣା ନାଭିବ୍ରହ୍ମ
୬୬. ଭୃତାନି ନାଭିବ୍ରହ୍ମ
୬୭. ଭୃରୋକ୍ଷୀ ନାଭିବ୍ରହ୍ମ
୬୮. ଯାମ୍ୟା ନାଭିବ୍ରହ୍ମ
୬୯. ରତୁରାନି ନାଭିବ୍ରହ୍ମ
୭୦. ବାବାଦ୍ଧି ନାଭିବ୍ରହ୍ମ
୭୧. କମ୍ବ ନାଭିବ୍ରହ୍ମ
୭୨. ସାରିତ୍ରୀକ୍ଷା ନାଭିବ୍ରହ୍ମ
୭୩. ବିଷ୍ଣୁସ୍ୱାଇ ନାଭିବ୍ରହ୍ମ
୭୪. ବିଷ୍ଣୁରୀତ୍ର ନାଭିବ୍ରହ୍ମ
୭୫. ଶାନ୍ତାଭୂମା ନାଭିବ୍ରହ୍ମ
୭୬. ଶ୍ରାବଃନୃକ୍ଷୀ ନାଭିବ୍ରହ୍ମ
୭୭. ସିରୋତ୍ରୀ ନାଭିବ୍ରହ୍ମ
୭୮. ସାରାନିୟା ନାଭିବ୍ରହ୍ମ
୭୯. ଅୟିକା ନାଭିବ୍ରହ୍ମ
୮୦. ରୟିକା ନାଭିବ୍ରହ୍ମ
୮୧. ମୟିକା ନାଭିବ୍ରହ୍ମ
୮୨. ବୃଧିକା ନାଭିବ୍ରହ୍ମ
୮୩. ଭାମ୍ରାରି ନାଭିବ୍ରହ୍ମ
୮୪. ଭୌରୀକଃ ନାଭିବ୍ରହ୍ମ
୮୫. ଭୃଣାସ୍ୱୀ ନାଭିବ୍ରହ୍ମ
୮୬. ଉମାଁ ବ୍ରହ୍ମନାଭି
୮୭. ପୃଶାର୍ଣ୍ଣି ବ୍ରହ୍ମନାଭି
୮୮. ଭାସ୍ୱତୀ ବ୍ରହ୍ମନାଭି
୮୯. ଭୃଙ୍ଗୀରା ବ୍ରହ୍ମନାଭି
୯୦. ଗୌରାକ୍ସିନା ନାଭିବ୍ରହ୍ମ
୯୧. ଉତ୍ତମା ନାଭିବ୍ରହ୍ମ
୯୨. ଅମରାକ୍ଷୀ ନାଭିବ୍ରହ୍ମ
୯୩. ପ୍ରତିରାର୍ଣ୍ଣି ନାଭିବ୍ରହ୍ମ
୯୪. କୃଶ୍ରାବଣୀ ନାଭିବ୍ରହ୍ମ
୯୫. ତୀର୍ଥାବସ୍ୱୀ ନାଭିବ୍ରହ୍ମ
୯୬. ବହ୍ନିବ୍ରହ୍ମା ନାଭିପଦ୍ମ
୯୭. ବୌତରୀ ନାଭିବ୍ରହ୍ମ
୯୮. ଦଧିନୃପା ନାଭିବ୍ରହ୍ମ
୯୯. ପିତାଶୃଣୀ ନାଭିବ୍ରହ୍ମ
୧୦୦. ପ୍ରାଚିନିୟା ନାଭିବ୍ରହ୍ମ
୧୦୧. ଭୈମାରୀ ନାଭିବ୍ରହ୍ମ
୧୦୨. ମାତଙ୍ଗୀ ବ୍ରହ୍ମନାଭି
୧୦୩. ଯାମ୍ନି ଧୌତ୍ରୀ ନାଭିପଦ୍ମ
୧୦୪. ରାଜସ୍ୱିନୀ ନାଭିପଦ୍ମ
୧୦୫. କୁମ୍ଭିନୀ ମୁଦ୍ରା ନାଭିପଦ୍ମ
୧୦୬. ଜାୟେଙ୍ଗୀନା ନାଭିବ୍ରହ୍ମ
୧୦୭. ଝାଙ୍କର୍ଣ୍ଣିକା ନାଭିବ୍ରହ୍ମ
୧୦୮. ନାରଙ୍ଗିଣୀ ନାଭିବ୍ରହ୍ମ

ଉପର ବର୍ଣ୍ଣିତ ସମସ୍ତ ନାଭିପଦ୍ମର ବିଶଦ ବିବରଣୀ ଏହି ସୀମିତ ପତ୍ରିକାରେ ଉପସ୍ଥାପନ କରିବା ସମ୍ଭବ ନୁହେଁ । ପର୍ଯ୍ୟାୟ କ୍ରମେ ତାହାର ରହସ୍ୟ ପ୍ରକାଶିତ ହେବ । ତେଣୁ ଆଜିର ମହୋତ୍ସବ **''କ୍ଷୀରସ୍ନାନ''** ସମ୍ପର୍କିତ ନାଭିପଦ୍ମଗୁଡିକ ସମ୍ବନ୍ଧରେ ସଂକ୍ଷେପ ଆଲୋକପାତ କରୁଅଛୁଁ ।

ସ୍ରଷ୍ଟା ଶଙ୍ଖନାଭିପଦ୍ମ ଓ ପଦ୍ମନାଭି ବ୍ରହ୍ମ ମଣ୍ଡଳ ସୃଷ୍ଟି କରିବା ପରେ ତାହାକୁ ନିଜର ଆଜ୍ଞା, ଆଶୀର୍ବାଦ ଏବଂ ଶକ୍ତି ପ୍ରଦାନ କରି ଜୀବ କଲ୍ୟାଣ ପାଇଁ ଉତ୍ସର୍ଗ କଲେ । ଉପରୋକ୍ତ ୧୦୮ (ଏକଶତଆଠ) ସୃଜୟ ଶଙ୍ଖ ନାଭି ମଧ୍ୟରୁ ପ୍ରଥମ କୋଡିଏଟି ନାଭି ସାହାଯ୍ୟରେ କ୍ଷୀର ସୃଷ୍ଟି କରାଇଲେ । ଏହି ସୃଷ୍ଟି ଆଲୋକ/ଜ୍ୟୋତିର ତରଙ୍ଗ ଭାବରେ ଶୂନ୍ୟରେ ଦୋଳାୟିତ ହେବାକୁ ଲାଗିଲା । ଭୃଜୟ ବକ୍ଷରେ 'ପ୍ରକୃତି,ମାୟା ଓ ମହାମାୟା ଅବସ୍ଥାନ କରୁଥିବାରୁ ବ୍ରହ୍ମଙ୍କ ଆଜ୍ଞାରେ ସେ ଉକ୍ତ ଆଲୋକମାଳାକୁ ସ୍ଥୂଳରୂପ ଓ ତଦନୁସାରେ ଜ୍ୟୋତି ବର୍ଣ୍ଣ ଅନୁଯାୟୀ ମାୟା ଦ୍ୱାରା ବସ୍ତୁରେ ରୂପାନ୍ତରିତ କରି ମର୍ତ୍ତ୍ୟଭୂମିକୁ ବିସ୍ତାରିତ କରିଦେଲେ । ପରିଣାମରେ ବ୍ରହ୍ମଙ୍କ ଇଚ୍ଛା ପୂର୍ଣ୍ଣ ହୋଇ ମାୟାରେ ସ୍ଥୂଳ ଆକାର ଧାରଣ କରି ଅହରହ କ୍ଷୀର ସ୍ରବିବାକୁ ଲାଗିଲା । ଏହି କ୍ରିୟା କେଉଁ ଶଙ୍ଖ ନାଭିପଦ୍ମ ଦ୍ୱାରା କିପରି ସଂଗଠିତ ହେଲା ତାହା କ୍ରମଅନୁସାରେ ନିମ୍ନରେ ଉପସ୍ଥାପନ କରୁଅଛି ।

| | |
|---|---|
| ୧. ବିଦ୍ରୁୟ ପଦ୍ମନାଭି | : ଏହି ପଦ୍ମ ନାଭିର ମୂଳ ସୂତ୍ର । ଉକ୍ତ ନାଭିରୁ ବ୍ରହ୍ମାଙ୍କ ଉତ୍ପତ୍ତି ହେଲା ଓ ଆଜ୍ଞା ପ୍ରାପ୍ତ ହେଲା । ବ୍ରହ୍ମା ଏହି ନାଭିପଦ୍ମରେ ଅବସ୍ଥାନ କରି ବ୍ରହ୍ମଙ୍କ ଆଦେଶ କାର୍ଯ୍ୟକାରୀ କରିବାକୁ ଅପେକ୍ଷା କଲେ । |
| ୨. ଗୁଞ୍ଜଲ୍ୟ ନାଭିପଦ୍ମ | : ଏହି ପଦ୍ମ ହରିଦ୍ରାବର୍ଣ୍ଣ ଧାରଣ କରି ବ୍ରହ୍ମାଙ୍କୁ ବିସ୍ତାରିତ ହେବାର ଶକ୍ତି ପ୍ରଦାନ କରି ତାଙ୍କୁ ପ୍ରତିଷ୍ଠା କରିଦେଲା । |
| ୩. କୌଟିୟ ନାଭିପଦ୍ମ | : ବ୍ରହ୍ମଙ୍କ ଇଚ୍ଛାମତେ ସୃଷ୍ଟିର ପାଳନ ସୂତ୍ର ''ସ୍ତନାଭିୟ ସୂକ୍ଷ୍ମରେଣୁ'' ଦ୍ୱାରା ସ୍ତନର ଆକୃତି ନିର୍ମାଣ କରିବାର ଶକ୍ତି ପ୍ରାପ୍ତ ହୋଇ ଏହି ନାଭିପଦ୍ମ ସ୍ତନର ସୂକ୍ଷ୍ମ ଆକୃତି ନିର୍ମାଣ କରିଦେଲା । |
| ୪. ଭୃଜୟ ଶଙ୍ଖନାଭି | : ବ୍ରହ୍ମଙ୍କ ଇଚ୍ଛା ଓ ଆଦେଶରେ ସ୍ତନ ଆକୃତିର ଛାୟାଚିତ୍ର ନିର୍ମିତ ହେବାପରେ ଉକ୍ତ ନାଭିରେ ସୂକ୍ଷ୍ମରେ ମାୟାର ସ୍ତନ ନିର୍ମାଣ କରାଗଲା । |
| ୫. ଗଣୌତ୍ରୀ ନାଭିପଦ୍ମ | : ଭୃଜୟ ନାଭିପଦ୍ମରେ ମାୟାର ସୂକ୍ଷ୍ମ ସ୍ତନ ପ୍ରସ୍ତୁତି ପରେ ଏହି ଗଣୌତ୍ରୀ ନାଭିପଦ୍ମ ସୂକ୍ଷ୍ମରେ ସେହି ସ୍ତନରେ କୋଷ ଧାରଣ କରାଇ ତାକୁ କ୍ରିୟାଶୀଳ କରାଗଲା । |
| ୬. ବଳିତ୍ରୀ ଶଙ୍ଖନାଭି | : ଏହି ନାଭିରୁ ସୂକ୍ଷ୍ମ ସ୍ତନ ଦ୍ୱୟର ପୂର୍ଣ୍ଣାଙ୍ଗ ଅବସ୍ଥା ପ୍ରସ୍ତୁତ କରାଗଲା । ସୂକ୍ଷ୍ମରେ ସ୍ତନ ଦ୍ୱୟର ନିର୍ମାଣ ଉକ୍ତ ନାଭି ସଂପୂର୍ଣ୍ଣ କରିଦେଲା । |
| ୭. ଗଣ୍ଡିସ୍ରାବ ନାଭିପଦ୍ମ | : ଉକ୍ତ ପଦ୍ମ ସୂକ୍ଷ୍ମରେ ସ୍ତନ ଦ୍ୱୟକୁ ବର୍ଣ୍ଣ ପ୍ରଦାନ କରି ଗୈରିକ ରୂପ ଧାରଣ କରାଇ ମହାଶୂନ୍ୟର ନିରଞ୍ଜନ ମଣ୍ଡଳରେ ୩୨(ବତ୍ରିଶ) କଳ୍ପ ପର୍ଯ୍ୟନ୍ତ ବିଶ୍ରାମ କରାଇ ଦେଲା । |
| ୮. ମତାଙ୍ଗ ଶଙ୍ଖନାଭି | : ଉକ୍ତ ନାଭି ଦ୍ୱାରା ବ୍ରହ୍ମାଙ୍କ କ୍ଷୀର ଧବଳ ବର୍ଣ୍ଣ ଧାରଣ କରି ମର୍ତ୍ତ୍ୟଭୂମିକୁ ବିସ୍ତାରିତ ହେବାର ଆଦେଶ, ଆଜ୍ଞାକୁ ଅପେକ୍ଷା କରି ରହିଲା । |
| ୯. ରଧୟ ନାଭି ପଦ୍ମ ଶଙ୍ଖ | : ଏହି ନାଭିପଦ୍ମରେ ବ୍ରହ୍ମ ସହ 'କ୍ଷୀର' ର ସଂଯୋଗ ହେଲା । ତେଣୁ ଉକ୍ତନାଭିପଦ୍ମ କ୍ଷୀର ଓ ବ୍ରହ୍ମଙ୍କ ସଂଯୋଗ ସ୍ଥଳ ହୋଇ ରହିଗଲା । |
| ୧୦. ରୌଧିକକ୍ଷ ନାଭିପଦ୍ମ | : ଉକ୍ତ ନାଭି ଦ୍ୱାରା ଆବଶ୍ୟକ ସମୟରେ ବ୍ରହ୍ମ ଓ କ୍ଷୀରର ବିଯୋଗ କ୍ରିୟା ସଂଘଟିତ ହେଲା । ଏଣୁ ନାଭିଟି ବ୍ରହ୍ମ ଓ କ୍ଷୀରର ବିଯୋଗ ସ୍ଥଳର ମର୍ଯ୍ୟାଦା ପ୍ରାପ୍ତ ହେଲା । |
| ୧୧. ଧୃତକଃ ନାଭିପଦ୍ମ | : ଏହି ନାଭି ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ପ୍ରାପ୍ତ ହେଲା । ଏଠାରେ ବ୍ରହ୍ମ ତୃତୀୟ, କାରଣ-ଜଗତର ସ୍ରାବ ସ୍ତର ଉତ୍ପନ୍ନ ହେଲା । ସୂକ୍ଷ୍ମରେ କାରଣ-ଜଗତରେ ସ୍ରାବର ବର୍ଣ୍ଣ ହରିଦ୍ରା ହୋଇ ରହିଲା । ଯେତେବେଳେ ଏହି ସ୍ରାବ ସ୍ଥୂଳରେ ପ୍ରବାହିତ ହେଲା ସେତେବେଳେ ହରିଦ୍ରା ବର୍ଣ୍ଣ ପରିହାର କରି ଧବଳ ବର୍ଣ୍ଣ ଧାରଣ କଲା । ତେଣୁ କ୍ଷୀରର ସ୍ଥୂଳ ବର୍ଣ୍ଣ ଧବଳ ହୋଇଗଲା । |
| ୧୨. କଣ୍ଡୀପ୍ତା ନାଭିପଦ୍ମ | : ସ୍ଥୂଳରେ ପ୍ରାଣୀ ଜଗତର ମାତୃ ସ୍ତନରେ ଧବଳବର୍ଣ୍ଣ ଧାରଣ କରି କ୍ଷୀର ସ୍ରାବ ପ୍ରତିଷ୍ଠା ହେବା ପରେ ''ବାଲ୍ୟଶିଶୁ'' ଯେତେବେଳେ କ୍ଷୀରପାନ କଲା, ସେତେବେଳେ ଏହି ନାଭିପଦ୍ମରୁ ଅମୃତ ଝରି କ୍ଷୀରରେ ମିଶ୍ରିତ ହୋଇଗଲା । ଫଳରେ ଶିଶୁଟି କ୍ଷୀର ପାନ କରିବା ସମୟରେ ବ୍ରହ୍ମ ଆସ୍ୱାଦନ ଅମୃତ ପାନ କରିବାକୁ ଲାଗିଲା । |

| | |
|---|---|
| **୧୩. ଆର୍ଣ୍ଣିବ ନାଭି ପଦ୍ମ** | : ଉକ୍ତ ନାଭିବ୍ରହ୍ମ କାରଣ-ଜଗତରେ ଅବସ୍ଥାନ କରିଥାଏ । ବ୍ରହ୍ମଙ୍କ ଆଦେଶମତେ ସ୍ଥୂଳ ଜଗତରେ ମର୍ତ୍ତ୍ୟମଣ୍ଡଳରେ ଥିବା ସ୍ତନଯୁକ୍ତ ପିଣ୍ଡକୁ ଆଚ୍ଛାଦନ କରି ଓ ଧାରଣ କରି ବ୍ରହ୍ମ-କାରଣ ଜଗତ ସହ ଯୋଗ ସୂତ୍ର ସ୍ଥାପନ କରିଥାଏ । |
| **୧୪. ଧୋରତ୍ରି ନାଭିପଦ୍ମ** | : ଏହି ନାଭିରୁ ସୂକ୍ଷ୍ମ ଶକ୍ତି ପ୍ରବାହିତ ହୋଇ ମର୍ତ୍ତ୍ୟଧାମର ସ୍ଥୂଳ ମାତୃଗର୍ଭର ସ୍ଥୂଳ, ସୂକ୍ଷ୍ମ ଓ କାରଣ ଅବସ୍ଥାକୁ ଆଜ୍ଞାଅନୁସାରେ ନିୟନ୍ତ୍ରଣ କରିବା ପାଇଁ ଗର୍ଭରେ ମା' ରୂପ ଧାରଣ କରି ଅବସ୍ଥାନ କରେ । ଏହାରି ପ୍ରଭାବରୁ ସ୍ତନ ଦ୍ୱୟରୁ ମାୟାରେଣୁ ପ୍ରବାହିତ ହୋଇ ଜୀବର ମନକୁ ଆକର୍ଷିତ ଆଚ୍ଛାଦିତ କରେ ଏବଂ ଶିଶୁର ମନରେ ସ୍ତନ୍ୟପାନ କରିବାର ଇଚ୍ଛା ଜାଗ୍ରତ କରାଏ । |
| **୧୫. ବର୍ଣ୍ଣାଙ୍ଗ ନାଭିପଦ୍ମ** | : ନାଭି ଓ ପଦ୍ମର ବ୍ରହ୍ମଙ୍କ ସହ ସଂଯୋଗ ହେବା ସମୟରେ ଏହି ନାଭିରୁ ନିର୍ଗତ ଶକ୍ତିପୁଞ୍ଜ ବ୍ରହ୍ମାଣ୍ଡକୁ ଶୂନ୍ୟରେ ଧାରଣ କରି ସ୍ଥୂଳ ଜନନୀର ଜଠରକୁ ସୂକ୍ଷ୍ମରେ ଶକ୍ତ କରି ରଖିଥାଏ । |
| **୧୬. ଗୁଞ୍ଜୁରା ନାଭି କ୍ଷୀର ପଦ୍ମ** | : ଏହି ନାଭିରୁ ମର୍ତ୍ତ୍ୟଭୂମିରେ ସାଗର ନିର୍ମାଣ ହୁଏ । ପ୍ରଥମେ ସାଗରର ଆକୃତିର ସୂକ୍ଷ୍ମ ଚିତ୍ର ନିର୍ମାଣ ପରେ ଏହି ସ୍ଥାନରୁ ସ୍ଥୂଳ ଭାବରେ ମର୍ତ୍ତ୍ୟରେ ମାୟା ଶକ୍ତିଦ୍ୱାରା ସାଗର ସୃଷ୍ଟି ହୁଏ ଏବଂ ବହିବା, ବହନ ଶକ୍ତି ପ୍ରାପ୍ତ ହୁଏ । ଏହି ଶକ୍ତି ଅହରହ ଉକ୍ତ ପଦ୍ମରୁ ସାଗରକୁ ବିଚ୍ଛୁରିତ ହେଉଥାଏ । |
| **୧୭. କ୍ଷୀରାବ୍ଧୀ ବର୍ଣ୍ଣ ନାଭିପଦ୍ମ** | : ଏହି ପଦ୍ମରେ ଗୋଲୋକ ବିହାରୀ ବିଷ୍ଣୁ ସୂକ୍ଷ୍ମ ଭାବରେ ଅବସ୍ଥାନ କରି ଭକ୍ତ ଭାବର ମନବାଞ୍ଛା ପୂର୍ଣ୍ଣ କରନ୍ତି । ଏହି ପଦ୍ମ ସର୍ବଦା ଧବଳ ବର୍ଣ୍ଣର ଜ୍ୟୋତିରେ ପୂର୍ଣ୍ଣ ହୋଇଥାଏ । ତେଣୁ କ୍ଷୀର ସାଗରର ଆକୃତି ନେଇଥିବାରୁ ବିଷ୍ଣୁଙ୍କୁ ଏଠାରେ କ୍ଷୀରାବ୍ଧୀ ଗୋସାଇଁ ବୋଲି କହନ୍ତି । |
| **୧୮. କ୍ଷୀରାବ୍ଧୀ ଶବ୍ଦ ନାଭିପଦ୍ମ** | : ''ବ୍ରହ୍ମ ଜ୍ୱଳକ'' ଏହି ନାଭି ଉତ୍ପନ୍ନ ହୋଇ କ୍ଷୀରରେ ପରିଣତ ହୋଇଯାଏ ଓ ବ୍ରହ୍ମଙ୍କ ଆଦେଶରେ ଧୃତକଃ ନାଭି ସହ ଯୁକ୍ତ ହୋଇ ସ୍ରାବ ସ୍ତରରେ ମିଶିଯାଏ । |
| **୧୯. ପଦ୍ମାଭି କ୍ଷୀର ନାଭି ପଦ୍ମ** | : କ୍ଷୀରାବ୍ଧୀ ଶବ୍ଦ ନାଭିରୁ କ୍ଷୀର ସୃଷ୍ଟି ହୋଇ ଧୃତକଃ ନାଭି ସହ ଯୁକ୍ତ ହୋଇ ସ୍ରାବ ସ୍ତରରେ ମିଶିବା ପରେ ଆଜ୍ଞାବହ ହୋଇ ଆବଶ୍ୟକ ସମୟରେ ନିର୍ଦ୍ଧାରିତ ସ୍ଥାନକୁ ପ୍ରବାହିତ ହେବା ପାଇଁ ସପ୍ତସାଗରର ସଙ୍ଗମ ସ୍ଥଳ ଜଗି ରହିଥାଏ । |
| **୨୦. ଧୃତଙ୍ଗୀ କ୍ଷୀର ନାଭି ପଦ୍ମ** | : ଏହି ପଦ୍ମରେ ଅହରହ ଅମୃତ ଝରଣ ଚାଲିଥାଏ । କ୍ଷୀରର ବର୍ଣ୍ଣ ଓ ଆକୃତି ନେଇ ଅମୃତ ଏଠାରେ ସର୍ବଦା ଅବସ୍ଥାନ କରିଥାଏ । କେବଳ ଭକ୍ତମାନେ ଏହାର ସ୍ୱାଦ ଆସ୍ୱାଦନ କରି ଆନନ୍ଦରେ ପୁଲକିତ ହେଉଥାଆନ୍ତି । |

ଜଗଦ୍‌ପତିଙ୍କ କଲ୍ୟାଣକାରୀ ଇଚ୍ଛାରେ ନାଭିପଦ୍ମ, କ୍ଷୀର ଓ ତାହାର କାର୍ଯ୍ୟକାରିଣୀ ଶକ୍ତି ଉତ୍ପନ୍ନ ହୋଇଯିବା ପରେ ଦେବଗଣ ଓ ଋଷି, ମୁନିଗଣ ତାହାକୁ କିପରି ମର୍ତ୍ତ୍ୟଧାମକୁ ବିସ୍ତାରିତ କରିବେ ସେଥିପାଇଁ ଚିନ୍ତା କରିବାକୁ ଲାଗିଲେ । ସେ ସମ୍ପର୍କରେ ଜିଜ୍ଞାସା ମୋଚନ କରିବାକୁ ଯାଇ ପରମକାରୁଣିକ ଠାକୁରେ କହନ୍ତି :

ସମୁଦ୍ର ମନ୍ଥନର କାଳେ । ଦେବତା ଅମୃତ ଲଭିଲେ ॥
ଅମୃତ ସ୍ୱାଦୁ ପାନ କରି । କ୍ଷୀର ସାଗର ମନେ ଭରି ॥
ବନ୍ଦିଲେ ଶ୍ରୀହରି ପୟର । ସପ୍ତସାଗର ବ୍ୟାପ୍ତ କର ॥

ସମୁଦ୍ର ମନ୍ଥନ ପରେ କ୍ଷୀରାବ୍ଧି ସାଗରରୁ ଅମୃତର ସ୍ୱାଦୁ ଉପଭୋଗ କରିବା ପରେ ଦେବତାମାନେ ପ୍ରଭୁ ପରମେଶଙ୍କ ନିକଟରେ ସ୍ତୁତି, ପ୍ରାର୍ଥନା କରି କହିଲେ, ''ଭୋ ଦେବ ମଣିମା ! ଜଗତକଲ୍ୟାଣ ପାଇଁ କାରଣ ସୂକ୍ଷ୍ମ ଜଗତରୁ ସପ୍ତସାଗରକୁ ବ୍ୟାପ୍ତ କରନ୍ତୁ ।

ଦେବଙ୍କ ଗୁହାରି ଶୁଣିଲେ । କାରଣୁ ବିନ୍ଦୁ ସୃଷ୍ଟି କଲେ ॥
ହରିଦ୍ରା ବର୍ଣ୍ଣର ସେ ବିନ୍ଦୁ । କହିଲା ପ୍ରେମେ ହୋଇ ସିନ୍ଧୁ ॥

ଶ୍ରୀହରି ଦେବତାମାନଙ୍କ ସ୍ତୁତିରେ ପ୍ରସନ୍ନ ହୋଇ କାରଣ-ଜଗତରେ ହରିଦ୍ରା ବର୍ଣ୍ଣର ରୂପଧାରଣ କରିଥିବା ସାଗର ବିନ୍ଦୁରୂପରେ ସୃଷ୍ଟି ହୋଇ ସିନ୍ଧୁରେ ପରିଣତ ହୋଇଗଲା । ଏହାପରେ ଶ୍ରୀ ବିଷ୍ଣୁଙ୍କ ନିର୍ଦ୍ଦେଶରେ ମୁନି, ଋଷିମାନେ ଏହି ବର୍ଣ୍ଣାଢ଼୍ୟ ସିନ୍ଧୁକୁ ମାନସରେ ରଖି ତପସିଦ୍ଧ ଗାୟତ୍ରୀ ମନ୍ତ୍ର ଦ୍ୱାରା ଏହି ସିନ୍ଧୁକୁ ସପ୍ତସାଗର କରି ଧରାପୃଷ୍ଠକୁ ଅବତରଣ କରାଇ ପ୍ରବାହିତ କରାଇଦେଲେ । ଏହି କ୍ରିୟା ସତ୍ୟଯୁଗରେ ସଂଘଟିତ ହୋଇଥିଲା ।

ଜିଜ୍ଞାସୁ ପୁନଶ୍ଚ ପ୍ରଭୁଙ୍କ ଚରଣାରବିନ୍ଦରେ ଶରଣ ଭିକ୍ଷା କରି ଜାଣିବାକୁ ଚାହିଁଲା, ''ପ୍ରଭୋ ! ବର୍ତ୍ତମାନ ଧରାପୃଷ୍ଠରେ ବହିଯାଉଥିବା ସପ୍ତସାଗର କ'ଣ ସତ୍ୟଯୁଗରୁ ପ୍ରବାହିତ ହେଉଛି ? ଯୁଗପ୍ରଳୟରେ ତାହାର ସ୍ରାବ, ସ୍ଥିତି ପ୍ରଭାବିତ ହୋଇନାହିଁ ?''

ଉତ୍ତରରେ ଠାକୁର କହିଲେ !

ତ୍ରେତୟା ଯୁଗର କାହାଣୀ । ବଶିଷ୍ଠ ଶିଷ୍ୟ ମହାଗୁଣୀ ॥
ଅର୍କ୍କ ସେ ଋଷି ବଟୁଜ୍ଞାତ । ଶ୍ରୁତିକାରା ଯେ ନିରୁଦ୍ଧାନ୍ତ ॥
ସିଦ୍ଧାନ୍ତକାଦି ପଞ୍ଚ ଋଷି । କଠୋର ତପ କଲେ ବସି ॥
ମାଗିଲେ ବର ଶ୍ରୀପୟରେ । ସାଗର ବହୁଛି ଧରାରେ ॥
ସେ ରାଶି ଚିରଞ୍ଜୀବୀ ହେଉ । ଯୁଗ ଯୁଗକୁ ରହିଥାଉ ॥

ଠାକୁର ସହାସ୍ୟ ବଦନରେ କହିଲେ । ସାଗର ପ୍ରଳୟରେ ଆକ୍ରାନ୍ତ ହୋଇ ଯାଇଥାଆନ୍ତା । କିନ୍ତୁ ତ୍ରେତୟା ଯୁଗରେ ବ୍ରହ୍ମର୍ଷି ବଶିଷ୍ଠଙ୍କ ପଞ୍ଚଶିଷ୍ୟ ଯଥା ଅର୍କ୍କ, ବଟୁଜ୍ଞାତ, ଶ୍ରୁତିକାରା ଓ ନିରୁଦ୍ଧାନ୍ତ କଠୋର ତପ ଆଚରଣ କରି ବ୍ରହ୍ମଙ୍କୁ ବର ମାଗିଦେଲେ ଧରାପୃଷ୍ଠରେ ଜଗତକଲ୍ୟାଣ ପାଇଁ ସାଗର ସବୁଦିନ ପାଇଁ ଅମ୍ଳାନ ହୋଇ ବହୁଥାଉ । ତଦନୁସାରେ ବ୍ରହ୍ମ ''ନିର୍ଦ୍ଧାବିଜ୍ଞ କାଳସୂତ୍ରରେ **''କ୍ଷୀରାବ୍ଧି ବର୍ଣ୍ଣ ନାଭି ପଦ୍ମ''**ରୁ ସାଗରକୁ ଆଶୀର୍ବାଦ ପ୍ରଦାନ କରି ଆଦେଶ ଦେଲେ ''ଧରାପୃଷ୍ଠରେ ଚିରଞ୍ଜୀବୀ ହୋଇ କାଳାତିପାତ କର । ତେଣୁ ସାଗର ଯୁଗ ପ୍ରଳୟରେ ପରିବର୍ତ୍ତନ ହୁଏ ନାହିଁ ।

ଶଙ୍ଖନାଭି ପଦ୍ମ ଓ ସାଗରର ଅମରତ୍ୱ ପ୍ରାପ୍ତି ବିଷୟକ ଅମୃତଗାଥା ଶ୍ରବଣ ପରେ ଜିଜ୍ଞାସୁ ପୁନର୍ବାର ଯୋଡ଼ହସ୍ତରେ ବନ୍ଦନା କରି ପଚାରିଲା, ''ପ୍ରଭୋ ! ଏହି ସାଗର ଜଳରେ ବ୍ରହ୍ମଙ୍କର ଉପଚାର ପୂଜା ଅନ୍ତର୍ଗତ ମହାସ୍ନାନ କାହିଁକି କରାଯାଏ ? କେଉଁ ପତିବ୍ରତା ବଳରେ ସପ୍ତସାଗର ଏହି ସୌଭାଗ୍ୟ ପ୍ରାପ୍ତ ହୋଇଅଛି ? କରୁଣାକରି ସନ୍ଦେହ ମୋଚନ କରନ୍ତୁ । ଜ୍ଞାନ-ସାଗର ଭକ୍ତବତ୍ସଳ ପ୍ରଭୁ ଉତ୍ତରରେ କହିଲେ :